## ସଂକ୍ଷେପରେ

### ପେଣ୍ଟିଂ ଆର୍ଟିଷ୍ଟ ୱାର୍କସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ଭବାନୀପାଟଣା,୪।୪(ସ୍ୱ.ପ୍ର.):** ଅଲଓଡିଶା ପେଣ୍ଟିଂ ଆର୍ଟିଷ୍ଟ ୱାର୍କସ ଆସୋସିଏଶନ କଳାହାଣ୍ଡି ଶାଖା ପକ୍ଷରୁ ୧୧ଦଫା ଦାବି ନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ରଙ୍ଗତୂଳୀ କଳାକାରଙ୍କୁ ଚିହ୍ନଟ କରି ପରିଚୟପତ୍ର ପ୍ରଦାନ, ବର୍ଷସାରା କାମର ସୁଯୋଗ ସୃଷ୍ଟି କରିବା ସହିତ ବର୍ଗଫୁଟ ହିସାବରେ ସଠିକ ପାରିଶ୍ରମିକ,ଠିକାଦାରୀ ପ୍ରଥା ବନ୍ଦ କରି ସ୍ୱତନ୍ତ୍ର ରଙ୍ଗ ତୂଳୀ କଳାକାର କଲ୍ୟାଣ ବୋର୍ଡ ଗଠନ କରିବା ଓ ସେହି ବୋର୍ଡ ମାଧମରେ କାମ ସହ ସାମାଜିକ ସୁରକ୍ଷା ଯୋଗାଇ ଦେବା ଆଦି ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସମ୍ପାଦକ ରଞ୍ଜନ ମିଶ୍ର, ଜିଲା ସଭାପତି ହିମାଂଶୁ ଶେଖର ନାଏକ, ଉତ୍ତମ କୁମାର ସୁନା, ବିରଞ୍ଚି ପାନ, ସୁଦାମ ଚରଣ ବାରିକ, ଶିବା ଆର୍ଟ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡା ଜିଲା ଶ୍ରମ ନିଯୁକ୍ତି ଅଧିକାରୀଙ୍କୁ ମଧ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ଦିବାରାତ୍ରି ଢାବା ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**କୋକସରା,୪।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେରଠାରେ ମା' ମୋଟ୍ରାଣୀ ଭଲିବଲ କ୍ଲବ ଗୋଳେଇଛକ ଦ୍ୱାରା ଆୟୋଜିତ ଦୁଇ ଦିନିଆ ଦିବାରାତ୍ରି ଢ଼ାବା ଭଲିବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସମୁଦାୟ ୨୩ ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ଖେଳ କେଏମସି ସିକ୍ସ ମୁଖିଗୁଡା ଓ ଭଇଁରୀଗୁଡା ମଧରେ ହୋଇଥିଲା। ଏଥିରେ କେ ଏମ ସି ସିକ୍ସ ମୁଖିଗୁଡା ଦଳ ବିଜୟ ଲାଭ କରି ଚାମ୍ପିୟନ ହୋଇ ପୁରସ୍କାର ରାଶି ଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ଓ ମୁଖ୍ୟବକ୍ତା ଭାବେ ସ୍ଥାନୀୟ ମୋଟେର ସରପଞ୍ଚ ବାସନ୍ତୀ ନାଏକ, ସମ୍ମାନିତ ଅତିଥି ଭାବେ ମୋଟେର ସମିତି ସଭ୍ୟା ଉଆଁସୀ ପାନ, ସାମାଜିକ କର୍ମୀ ଦୁଷ୍ମନ୍ତ ପଟ୍ଟଯୋଷୀ, ପୂର୍ବତନ ମୋଟେର ଫାଣ୍ଡି ଅଧିକାରୀ ଶେଖର ଜେନା, ନାରୀନେତ୍ରୀ କୁନ୍ତୀ ପାଲ, ଲାବନ୍ୟ ପାନ, ଯୁଧିଷ୍ଠିର ପାଣିଗ୍ରାହୀ, ସୁଶୀଲ ଜାଲ, ମୋହନ ନାଏକ, ଗୋବିନ୍ଦ ପାନ, ପବିତ୍ର ଦୁର୍ଗା, ଚାରୁ ଜାଲ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରି ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଶମ୍ଭୁ ଜାଲ ଓ କ୍ରିଷ୍ଣା ଦୀପ ପରିଚାଳନା କରିଥିଲେ। ରାଜେଶ ନାଏକ ଓ ଯଶୋବନ୍ତ ଜାଲ ସ୍କୋର ବୋର୍ଡ ସମ୍ଭାଳି ଥିଲେ। ଖେଳର ପ୍ରତ୍ୟକ୍ଷ ଧାରା ବିବରଣୀ ମନମୋହନ ଦାସ ଓ ମୁନା ଖିଲ ପ୍ରଦାନ କରିଥିଲେ। ଆୟୋଜକ ମୋଟ୍ରାଣୀ ଗୋଳେଇ ଛକ କ୍ଲବର ହର ଜାଲ, ବଳରାମ ଦୁର୍ଗା, ତପନ ପାନ, ରାଜେଶ ପାନ, ଗୁଡୁ ପାଲ, ନନ୍ଦ ପାନ, ଟୁନା ପାଲ, ବିଘ୍ନେ ନାଏକ, ଭାଷ୍କରଥୀ ଦୁର୍ଗା, ଦାନୀଏଲ ନାଏକ, ରୁନୁ ଖମାରୀ, ବିକି ନାଏକ, କୁନା ନାଗ, ଡିସେମ୍ବର ଭୋଇ ପରିଚାଳନାରେ ସହଯୋଗ କରିଥିଲେ।

# ତେଲଙ୍ଗାନା ଇଟାଭାଟିରେ ୧୪ ଦାଦନ ଶ୍ରମିକ ନିର୍ଯାତିତ

ନୂଆପଡା ଅଫିସ,୪।୪

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଦୁଇଟି ଗାଁର ୧୪ ଜଣ ଦାଦନ ଶ୍ରମିକ ତେଲଙ୍ଗାନା ରାଜ୍ୟକୁ ଇଟା ତିଆରି କରିବା ପାଇଁ ଯାଇ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏହି ଶ୍ରମିକମାନଙ୍କ ପରିବାରର ୫ ଜଣ ଶିଶୁ ମଧ ସେଠାରେ ରହି ନିର୍ଯାତିତ ହେଉଛନ୍ତି। ଗ୍ରାମବାସୀ ଓ ପରିବାର ଲୋକେ ସୋମବାର ନୂଆପଡା ଜିଲାପାଳ ହେମକାନ୍ତ ସାଏଙ୍କୁ ସାକ୍ଷାତ କରି ନର୍ଯାତିତ ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ଗୁହାରି କରିଛନ୍ତି।

ପ୍ରକାଶ ଯେ, ଗତ ଜାନୁୟାରୀ ମାସରେ ପୋଏଁର ଗାଁର ୩ ପରିବାରର ୧୪ ଜଣ ଓ ସମରସିଂ ଗ୍ରାମର ଗୋଟିଏ ପରିବାରର ୫ ଜଣ ସଦସ୍ୟ କାମଧନ୍ଦା ଅଭାବରୁ ତେଲଙ୍ଗାନା ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ଏହି ଶ୍ରମିକମାନେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଗାଁର ଜଣେ ଦାଦନ ସର୍ଦ୍ଦାରଙ୍କ ଜରିଆରେ ତେଲଙ୍ଗାନାର ମେହେବୁବ ନଗର ଜିଲା ଫାରୁକ ନଗର ବ୍ଲକ କିଷନନଗର ଗାଁର ଏକ ଇଟାଭାଟିରେ ନିୟୋଜିତ ଅଛନ୍ତି। ତେବେ କିଛି ଦିନ କାମ କଲା ପରେ ଇଟାଭାଟିରେ ଶ୍ରମିକମାନଙ୍କୁ ମାନସିକ ଓ



ନିର୍ଯାତିତ ଦାଦନ ଶ୍ରମିକ।

ଶାରୀରିକ ନିର୍ଯାତନା ଦିଆଯାଉଛି। ଦିନକୁ ୧୨ରୁ ୧୫ ଘଣ୍ଟା କାମରେ ନିୟୋଜିତ କରାଯାଉଛି। ଖାଇବା ଖର୍ଚ୍ଚ ପୁରା ନ ଦେଇ ଅଧା ଦିଆଯାଉଛି। ଶ୍ରମିକମାନଙ୍କ ମୋବାଇଲ ଫୋନ ଛଡାଇ ନିଆଯାଇଛି। କାମ ନ କଲେ ମାରପିଟ କରାଯାଉଛି। ଏ ନେଇ କାହାକୁ ଜଣାଇଲେ ଜୀବନରେ ମାରି ଦେବା ପାଇଁ ଧମକ ମିଳୁଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। କୋମନା ଥାନା ପୋଏଁର ଗାଁର ଧର୍ମୁ ଦୀପ (୫୧)ଙ୍କ ସମେତ ପରିବାରର ସ୍ତ୍ରୀ ସୁମିତ୍ରା ଦୀପ (୪୫), ପୁଅ ଇନ୍ଦୁସର (୨୩), ପୀତାମ୍ବର (୨୦), ଯୁଗେଶ୍ୱର (୧୮), ରମେଶ (୧୫), ତ୍ରିନାଥ ବାଗ (୩୮)ଙ୍କ ସହ ତାଙ୍କ ସ୍ତ୍ରୀ ରୁଦନା ବାଗ (୩୨) ଓ ୫ ବର୍ଷର ଝିଅ ନନ୍ଦିନୀ, ଛନ ଦୀପ (୬୦)ଙ୍କ ସହ ତାଙ୍କ ସ୍ତ୍ରୀ କମଳା (୫୫), ପୁଅ ମନୋଜ (୩୨), ବୋହୂ ସସ୍ମିତା (୨୮) ଓ ୪ ବର୍ଷର ଶିଶୁ ପ୍ରିନ୍ସ ଏବଂ ସମରସିଂ ଗାଁର ବସ୍ଥୁ ପେନକା (୩୫), ସ୍ତ୍ରୀ ବୈକାନ୍ତି ପେନକା (୩୦) ସହ ଛୋଟ ଛୋଟ ୩ ପୁଅ ତେଲେଙ୍ଗାନାରେ ଅଟକ ରହି ନିର୍ଯାତନାର ଶିକାର ହେଉଛନ୍ତି। ଶ୍ରମିକମାନଙ୍କ ଜୀବନ ପ୍ରତି ବିପଦ ଥିବାରୁ ସୋମାନଙ୍କୁ ଶୀଘ୍ର ଉଦ୍ଧାର କରିବା ପାଇଁ ଘାସିରାମ ସୁନାନୀ, ଯାଦବ ଦୀପ, ମହେନ୍ଦ୍ର ପଟେଲ, ଶଙ୍କର ଦୀପ, ଛବି ବାଗ ପ୍ରମୁଖ ଦାବି କରିଛନ୍ତ। ଦାଦନ ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ଜିଲାପାଳ ସାଏ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଦିବ୍ୟ ଶଙ୍କର ଧରୁଆଙ୍କୁ ପଚାରିବାରେ ଏ ନେଇ ଅଭିଯୋଗ ଆସିଛି। ୨ – ୩ ଦିନ ଭିତରେ ସେମାନଙ୍କୁ ଉଦ୍ଧାର କରାଯାଇ ଗାଁରେ ଛାଡିବାର ବ୍ୟବସ୍ଥା କରାଯିବ। ଏହାଛଡା ସେମାନଙ୍କୁ ନେଇ ଯାଇଥିବା ଦାଦନ ସର୍ଦ୍ଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ୩୩ କେଭି ବିଦ୍ୟୁତ୍ ଗ୍ରୀଡ୍ କାର୍ଯ୍ୟକ୍ଷମ କର

ଗୁଡ଼ଭେଲା,୪।୪ (ଡି.ଏନ.ଏ.)

**ରାସ୍ତାରୋକୋ ଚେତାବନୀ ଦେଲେ ଅଞ୍ଚଳବାସୀ**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ମହକୁମାଠାରେ ଅଧନିର୍ମିତ ହୋଇ ପଡିରହଛି ୩୩ କେଭି ବିଦ୍ୟୁତ୍ ଗ୍ରୀଡ। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରା ନ ଗଲେ ଆସନ୍ତା ୧୦ ତାରିଖରୁ ତୁଷୁରା ତେଲନଦୀ ପୋଲଠାରେ ଅନିର୍ଦ୍ଦିଷ୍ଟ ଦିନ ପାଇଁ ରାସ୍ତାରୋକୋ କରାଯିବ। ଏହିମର୍ମରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦନ କରାଯାଇଛି। ବିଡିଓଙ୍କ ଅନୁପସ୍ଥିତରେ ସିନିୟର କ୍ଲର୍କ କୌବତ୍ତ ସାହୁ ଦାବିପତ୍ର ଗ୍ରହଣ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ୨୦୧୪ ମସିହାରୁ ଉକ୍ତ ବିଦ୍ୟୁତ୍ ଗ୍ରୀଡ ନିର୍ମାଣ ଆରମ୍ଭ ହୋଇଥିଲେ ହେଁ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏଥିଯୋଗୁଁ ତୁଷୁରା ଗ୍ରୀଡରୁ ବିଦ୍ୟୁତ୍ ସଂଯୋଗ ହୋଇଛି। ଏଥିଯୋଗୁ ସବୁ ସମୟରେ ଲୋଭଟେଜ ସମସ୍ୟା ଦେଖାଦେଉଛି। ଏଥିସହ ସାମାନ୍ୟ ଝଡବର୍ଷା ହେଲେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଏନେଇ ବିଭିନ୍ନ ସମୟରେ ବିଭାଗୀୟ କର୍ତ୍ତୃପକ୍ଷ ଓ ଲୋକପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏଣୁ ଉକ୍ତ ବିଦ୍ୟୁତ ଗ୍ରୀଡକୁ ୯ ତାରିଖ ମଧରେ କାର୍ଯ୍ୟକ୍ଷମ କରା ନ ଗଲେ ରାସ୍ତାରୋକୋ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ କୁହାଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, ଦେଉଲଗୁଡି ପଞ୍ଚାୟତ ସରପଞ୍ଚ ମଧୁମିତା ଅଗ୍ରୱାଲ, ଜାମୁଟ ପଞ୍ଚାୟତ ସରପଞ୍ଚ ଭାବସିଂଙ୍ଗ ମାଝି, ଘୁନା ସରପଞ୍ଚ କବିତା ମହାନନ୍ଦ, ବଜରଙ୍ଗ ଅଗ୍ରୱାଲ, ଲୋକନାଥ ମହାପାତ୍ର, ଗୋପାଳ ବେହେରା, ଈଶ୍ୱର ବାଗ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେଉପସ୍ଥିତ ଥିଲେ।



ଜିଲାପାଳଙ୍କ ଉଦ୍ଦେଶ୍ୟରେ ସିନିୟର କ୍ଲର୍କଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପାତ୍ରବୁଢ଼ା ନକ୍‌ଆଉଟ କ୍ରିକେଟ: ଖରଯୋଡ଼ା ଚାମ୍ପିୟନ



ଉଭୟ ଦଳର ଖେଳାଳି।

ଲାଞ୍ଜିଗଡ,୪।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ କଳାକୁପା ଖେଳପଡିଆଠାରେ ଚାଲିଥିବା ପଞ୍ଚାୟତସ୍ତରୀୟ ପାତ୍ରବୁଢା ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ମାଳିପଡ଼ା ଓ ରାୟଗଡା ଜିଲା ଖରଯୋଡ଼ା ଦଳ ମଧରେ ହୋଇଥିଲା। ମାଳିପଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭର ୪ ଉଇକେଟ ବିନିମୟରେ ୮୮ ରନ କରିଥିଲା। ଜବାବରେ ଖରଯୋଡ଼ା ଦଳ ୧୨ ଓଭର ୬ ଉଇକେଟ ବିନିମୟରେ ୮୯ ରନ କରି ବିଜୟୀ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଜୋନ–୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସମ୍ମାନିତ ଅତିଥି ଭାବେ ବିଜେପୁର ପୂର୍ବତନ ସରପଞ୍ଚ ଚନ୍ଦ୍ର ମାଝି, ସମିତି ସଭ୍ୟ ପ୍ରତିନିଧି ଇନ୍ଦ୍ର ମାଝି, କଳାକୁପା ୱାର୍ଡସଭ୍ୟ ମଦନ ମାଝି, ଠେକୁରାମ ପାଣି, ରମେଶ କରୁଆଁ ଉପସ୍ଥିତ ଥିଲେ। ଏହି ପଞ୍ଚାୟତସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଗତ ମାସ ୨୦ ତାରିଖରେ ଆରମ୍ଭ ହୋଇଥିବା ବେଳେ ଏଥିରେ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ କଳାକୁପା ପାତ୍ର ବୁଢ଼ା କ୍ରିକେଟ କମିଟର ପ୍ରଦୀପ ବିଭୋର, ନରସିଂ ଚନ୍ଦ୍ର ମାଝିଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ

# ପୃଥକ୍ ସଡ଼କ ଦୁର୍ଘଟଣା, ୨ମୃତ

ଲୋଇସିଂହା,୪।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବଲାଙ୍ଗୀର–ବରଗଡ ୨୬ନଂ ଜାତୀୟ ରାଜପଥରେ ମଙ୍ଗଳବାର ପୃଥକ ସଡକ ଦୁର୍ଘଟଣାରେ ୨ ଜଣଙ୍କ ଜୀବନ ଯାଇଛି। ସକାଳେ ବାଇକ ଧକ୍କାରେ ବୁର୍ଡା ଗ୍ରାମର ବୃଦ୍ଧ ତପି କଲେତ(୮୦) ଓ ସନ୍ଧ୍ୟାରେ ଟ୍ରକ ଚାପାରେ ଡୁମେରଖୋଲ ଗାଁର ଜୟଦେବ ଧରୁଆ(୩୫)ଙ୍କ ମୃତ୍ୟ ଘଟିଛି। ଦୁର୍ଘଟଣା ପରେ ଡ୍ରାଇଭର ଟ୍ରକକୁ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି।

ପୋଲିସ ସୂଚନାମତେ, ବୁର୍ଡା ଗ୍ରାମର ତପି କଲେତ ବୁର୍ଡାଛକରେ ଥିବା ଦୋକାନ ଗୃହ ନିର୍ମାଣ ଚାଲିଛି। ରାତିରେ ସେଠାକୁ ଜଗିବାକୁ ଯାଇ ସକାଳେ ସେ ଚାଲିକରି ଘରକୁ ଫେରୁଥିଲେ। ବାଲିବନ୍ଧ ପର୍ଯ୍ୟନ୍ତ ପାଖରେ ଏକ ବାଇକ(ଓଡି୧୭ ବି ୫୮୯୪) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଲୋଇସିଂହା ପୋଲିସ ଏକ ମାମଲା(୯୫/୨୩) ରୁଜୁ କରି ବାଇକକୁ ଜବତ କରିଛି। ସନ୍ଧ୍ୟାରେ ଡୁମେରଖୋଲର ଜୟଦେବ ରୁଗୁଡିଖାଲରୁ ଲୋଇସିଂହା ପଟକୁ ଯାଉଥିଲେ। ବୁଡୀପଦର ଗ୍ରାମର ଗ୍ରାମୀଣ ପାର୍କ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ତାଙ୍କ ବାଇକକୁ ସାମନା ପଟୁ ଧକ୍କା ହୋଇଥିଲା। ବାଇକ ଆରୋହୀ ଛିଟି ପଡବାରେ ଟ୍ରକ ତାଙ୍କ ଉପରେ ମାଡି ଯାଇଥିଲା। ଖବର ପାଇ ଲୋଇସିଂହା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କଳାହାଣ୍ଡି ଜିଲା ରାଇସ୍ ମିଲର୍ସ ଆସୋସିଏଶନର ଗଣଧାରଣା

କେସିଙ୍ଗା, ୪।୪(ଡି.ଏନ.ଏ.)

**ଠିକ୍ ସମୟରେ ମିଲର୍ସଙ୍କଠାରୁ ଚାଉଳ ନେବାକୁ ଦାବିପତ୍ର ପ୍ରଦାନ**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ଏଫସିଆଇର ମୁଖ୍ୟଗେଟ ଆଗରେ ଜିଲା ରାଇସ୍ ମିଲର୍ସ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯାଇଛି। ଠିକ୍ ଭାବେ ଚାଉଳ ନ ଉଠାଇ ପାତର ଅନ୍ତର କରୁଥିବାରୁ ଜିଲା ମିଲର୍ସ ଆସୋସିଏଶନ ସଭାପତି ନଳିନୀ କୁମାର ପାଟ୍ଟଯୋଶୀଙ୍କ ନେତୃତ୍ୱରେ ଏହି ଗଣଧାରଣା ଦିଆଯାଇଛି। ଏହି ଅବସରରେ ଟିଟିଲାଗଡ ସବ୍ ଡିଭିଜନାଲ ମ୍ୟାନେଜରଙ୍କୁଏକଦାବିପତ୍ରଦିଆଯାଇଛି। ଏହି ଗଣଧାରଣାରେ ଅଲ୍ ଓଡିଶା ରାଇସ ମିଲର୍ସ ଆସୋସିଏଶନର ରାଜ୍ୟ ସଭାପତି ମହେଶ ଅଗ୍ରୱାଲ, କଳାହାଣ୍ଡି ଜିଲା ରାଇସ ମିଲର୍ସ ଆସୋସିଏଶନର ସମ୍ପାଦକ ରମେଶ କୁମାର ଜୈନ, ଉପ ସଭାପତି ଯୁଗଳ କିଶୋର ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଛନ୍ତି। କେସିଙ୍ଗା ଅଞ୍ଚଳର ୧୫ଟି ଓ ଭବାନୀପାଟଣା ସବ୍ ଡିଭିଜନର ପ୍ରାୟ ୪୦ଟି ରାଇସ୍ ମିଲର୍ସଙ୍କ ଠାରୁ ଠିକ ଭାବେ କେସିଙ୍ଗା ଏଫସିଆଇ ଚାଉଳ ଉଠାଉ ନାହିଁ। ବଲାଙ୍ଗୀର ଜିଲା ଟିଟିଲାଗଡର ୬ଟି ମିଲର୍ସଙ୍କ ଠାରୁ ଚାଉଳ ରଖୁଥିବା ପ୍ରତିବାଦରେ ଏହି ଗଣଧାରଣା ଦିଆଯାଇଛି। ଆସନ୍ତା ଖରିଫ ଋତୁରେ ପୁଣି ମିଲର୍ସ ଧାନ କେଉଁଠି ରଖିବେ। ତେଣୁ ତୁରନ୍ତ ମିଲର୍ସ ଗଚ୍ଛିତ ରଖିଥିବା ଚାଉଳକୁ କେସିଙ୍ଗା ଏଫସିଆଇ ଉଠାଇବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଟିଟିଲାଗଡ ସବ୍‌ଡିଭିଜନାଲ ମ୍ୟାନେଜର ବି.ଚନ୍ଦ୍ରମୋହନଙ୍କୁ ପଚାରିବାରୁ ଅଳ୍ପଦିନ ମଧରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।




କେସିଙ୍ଗାସ୍ଥିତ ଏଫସିଆଇ ମୁଖ୍ୟ ଗେଟ ଆଗରେ ଗଣଧାରଣା ଦିଆଯାଇଛି।

# ପୁଣି ଏକ ବାଛୁରୀକୁ ଖାଇଲା ବାଘୁଣୀ

ନୂଆପଡା ଅଫିସ,୪।୪

ନୂଆପଡା ସଦର ବ୍ଲକ ଆମାନାରା ବିଟ ଅଞ୍ଚଳରେ ଗୋଟିଏ ସପ୍ତାହ ପରେ ପାୱାରତୋଳା ଗାଁରେ ଏକ କଲରାପତରିଆ ବାଘୁଣୀ ପୁଣି ଗୋଟିଏ ବାଛୁରୀକୁ ଗୁହାଳରୁ ଟାଣି ନେଇ ଖାଇଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ପାୱାରତୋଳା ଗ୍ରାମର ଚିଟିରାମ ସତନାମୀ ତାଙ୍କର ସବୁ ଗାଈ,ବାଛୁରୀକୁ ସନ୍ଧ୍ୟାରେ ଗୁହାଳରେ ବାନ୍ଧି ରଖିଥିଲେ। ରାତି ପାହିଲା ପରେ ସକାଳେ ଗୁହାଳରେ ବାଛୁରୀ ନ ଥିବା ଦେଖି ଚିଟିରାମଙ୍କ ପରିବାର ଖୋଜାଖୋଜି କରିଥିଲେ। ଘର ଠାରୁ ଅଳ୍ପ ଦୂରରେ ଏକ ଗଛମୂଳେ ବାଛୁରୀର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ବାଛୁରୀ ଶରୀରର ଅଧା ଅଂଶ ନ ଥିବାରୁ ବାଘୁଣୀ ଖାଇଥିବା ଅନୁମାନ କରାଯାଉଛି। ଗୋଟିଏ ମାସରୁ ଊର୍ଦ୍ଧ୍ୱ ହେଲାଣି ଅଞ୍ଚଳରେ ବାଘ ଆତଙ୍କ ଲାଗି ରହିଛି। ଲୋକେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଜୀବନ ଜୀବିକା ଉପରେ ପ୍ରଭାବ ପଡୁଛି। ବାଘ ଭୟରେ ଲୋକେ ପିଲାଛୁଆଙ୍କୁ ସ୍କୁଲ ମଧ ଛାଡୁ ନାହାନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ଜିଲାରେ ଗୋଟିଏ ମାସରେ ବାଘ ଜଣେ ମଣିଷ ସହ ୧୬ ଟି ଗୃହପାଳିତ ପ୍ରାଣୀକୁ ମାରି ଖାଇଥିବା ବେଳେ ୨ଟି ଗୃହପାଳିତ ପ୍ରାଣୀକୁ ଘାଇଲା କରିଛି। ରାଜ୍ୟ ସରକାରଙ୍କ ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୪ ଧାରା ୪୫ ସିସି ଅନୁଯାୟୀ ବଡ ଗୃହପାଳିତ ପ୍ରାଣୀ ପାଇଁ ୫ ହଜାର ଓ ଛୋଟ ଗୃହପାଳିତ ପ୍ରାଣୀ ପାଇଁ ୨୫ ଶହ ଟଙ୍କା ସହାୟତା ମିଳୁଛି। ବର୍ତ୍ତମାନ ସମୟରେ ଗୋଟିଏ ଗାଈ କିଣିଲେ ୧୫ ହଜାରରୁ ୩୦ ହଜାର ଟଙ୍କା ପଡୁଥିବା ବେଳେ ବଳଦ କିଣିଲେ ୩୦ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ପଡୁଛି। ଏଣୁ ୧୯୭୪ ଆଇନ ଅନୁଯାୟୀ ପ୍ରଦତ୍ତ ସହାୟତା ରାଶି ବୃଦ୍ଧି କରିବାକୁ ସାଧାରଣରେ ଦାବି ହେଉଛି।

# ଆମ୍ବେଦକରଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି

ଟିଟିଲାଗଡ଼, ୪।୪(ଡି.ଏନ.ଏ.)

ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କର ୧୩୨ ତମ ଜୟନ୍ତୀ ଆସନ୍ତା ୧୪ତାରିଖରେ ପାଳନ ହେବ। ଏଥିପାଇଁ ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ତରଫରୁ ଟିଟିଲାଗଡ଼ ନଗର ସଭାପତି ନିତ୍ୟାନନ୍ଦ ମାଝିଙ୍କ ଅଧକ୍ଷତାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କାର୍ଯ୍ୟକ୍ରମ ଟିଟିଲାଗଡ଼ ବ୍ଲକ ସିଲୁଆଁ ଗ୍ରାମରେ ପାଳନ କରିବା ପାଇଁ ସ୍ଥିରୀକୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ସଂଘ ମହାସଚିବ ତଥା ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟଅତିଥିଭାବେ ଯୋଗଦେବା ପାଇଁ ସ୍ଥିର କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ହେମେନ୍ଦ୍ର ହାଁସଦା, ସଂଗଠକ ଥବୀର ପୂଝାରୀ, ଲୁହା ପ୍ରଗଣା ସଭାପତି ଚୈତନ୍ୟ ମାଝି, ବ୍ଲକ ସମ୍ପାଦକ ଘାସିରାମ ମାଝି, ଯୁଗ୍ମ ସମ୍ପାଦକ ସୁନୀଲ କୁମାର ମାଝି, ସଂଘର ଜଗନ୍ନାଥ ମାଝି, ଭୁବନ ମାଝି, ପ୍ରଫୁଲ୍ଲ ପ୍ରଧାନୀ, ବନ ସିଂ ପ୍ରଧାନୀ, କର୍ଣ୍ଣ ମାଝି, ଦେବସିଂ ମାଝି, ଧନମତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଆଦିବାସୀ ଭବନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆଦିବାସୀ ସଂଘ କର୍ମକର୍ତ୍ତା।

# ଦେଢ଼ମାସ ବିତିଲା, ମୃତ୍ୟୁ ରହସ୍ୟ ଖୋଲୁନି

ମୁରିବାହାଲ,୪।୪(ଡ଼.ଏନ.ଏ.)

**ଜେସିବି ଡ୍ରାଇଭରଙ୍କ କାର୍ଯ୍ୟସ୍ଥଳରେ ମୃତ୍ୟୁ ଘଟଣା**

- ପରିବାର ଲୋକେ ଆଣିଥିଲେ ହତ୍ୟା ଅଭିଯୋଗ
- ମୁରିବାହାଲ ଥାନାଧିକାରୀଙ୍କୁ ଯାଦବ ସମାଜର ଦାବିପତ୍ର
- ୧୫ ଦିନ ମଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଥାନା ଘେରାଉ

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଡୁଡୁକାପଡା ଗ୍ରାମରେ ଗ୍ରାମ୍ୟ ପରିମଳ ବିଭାଗ ପାଣ୍ଠିରେ ଗଭୀର କୂଅ ଖନନ କାର୍ଯ୍ୟରେ ନିୟୋଜିତ ଜେସିବି ଡ୍ରାଇଭର ସିନ୍ଧେକେଲା ଥାନା ପାଣ୍ଡ୍ରିପାଏନ ହଁସପଡାର ପଦ୍ମନ ହସ (୨୪) ଙ୍କ କାର୍ଯ୍ୟସ୍ଥଳରେ ଗତ ଫେବୃଆରୀ ୧୬ ତାରିଖରେ ମୃତ୍ୟୁ ଘଟିଥିଲା। ପରିବାର ଏହା ଏକ ହତ୍ୟା ମାମଲା ବୋଲି ମୁରିବାହାଲ ଥାନାରେ ଅଭିଯୋଗ କରିଥିଲେ। ଫେବୃଆରୀ ୧୭ ତାରିଖରେ ଏଡାକୁ ନେଇ ବଙ୍ଗୋମୁଣ୍ଡା–ସିନ୍ଧେକେଲା ରାସ୍ତା ଅବରୋଧ କରାଯାଇଥିଲା। ଘଟଣା ଘଟିବାକୁ ଦେଢମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ହେଲେ ପୋଲିସ ମୃତ୍ୟୁ ରହସ୍ୟ ଉନ୍ମୋଚନ କରି ନାହିଁ। ଏହି ବିଷୟକୁ ନେଉ ମଙ୍ଗଳବାର ମୁରିବାହାଲ ବ୍ଲକ ଯାଦବ ସମାଜ ତରଫରୁ ଥାନା ଅଧିକାରୀ କମଲ ଲୋଚନ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯାଦବ ସମାଜ ବ୍ଲକ ସଭାପତି ତୀର୍ଥ ହାତୀଙ୍କ ନେତୃତ୍ୱରେ ଯାଦବ ସମାଜର ପ୍ରକଳ୍ପ ବିଭାଗ ରାଜ୍ୟ ସଭାପତି ଲକ୍ଷ୍ମଣ ବାଗ, ଜିଲା ଯାଦବ ମହାସଭା ସଭାପତି ପରମାନନ୍ଦ ହାତୀ, ଜିଲା ସଂଯୋଜକ ମନୋଜ କୁମାର ହାତୀ, ବଙ୍ଗୋମଣ୍ଡା ବ୍ଲକ ସଭାପତି ରାଧେଶ୍ୟାମ କେତକୀ, ସମ୍ପାଦକ ମୁନିରାମ ନାଗ, ମୁରିବାହାଲ ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଡା, ଅର୍ଦ୍ଧେନ୍ଦୁ ଶେଖର ଯାଦବ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତା ଉଚିତ ତଦନ୍ତ ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଆଗାମୀ ୧୫ ଦିନ ମଧରେ ଏ ନେଇ ପଦକ୍ଷେପ ନ ନେଲେ ମୁରିବାହାଲ ଥାନା ଘେରାଉ କରାଯିବ ବୋଲି ଚେତାବନୀ ସେମାନେ ଦେଇଛନ୍ତି। ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲ ଥାନା ଅଧିକାରୀ ବେହେରା ପ୍ରତିଶ୍ରୁତି ଦେଇଛନ୍ତି।




ମୁରିବାହାଲ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଗାମୁଛା ଲଗାଇ ଆତ୍ମହତ୍ୟା

**ଗାଇସିଲେଟ୍,୪।୪(ଡି.ଏନ.ଏ):** ବରଗଡ଼ ଜିଲା ଗାଇସିଲେଟ ଥାନା ବଡ଼ସାହାଜବାହାଲ ଗ୍ରାମରେ ପୋଲିସ ମଙ୍ଗଳବାର ଜଣେ ଲୋକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଉକ୍ତ ଗ୍ରାମର ଦୁତିଆ ସାହୁ(୫୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି । ପାରିବାରିକ କଳହ ଯୋଗୁ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି।

### ବଜ୍ରପାତରେ ଯୁବକ ମୃତ

**ବରଗଡ଼ ଅଫିସ୍/ଭେଡ଼େନ,୪।୪:** ବରଗଡ଼ ଜିଲା ଭେଡ଼େନ ବ୍ଲକ ତାଲମେଣ୍ଡା ପଞ୍ଚାୟତର ଦେକୁଲବା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ରୋଶନ ଭୁଏ। ଅପରାହ୍ନ ୪ଟା ବେଳେ ସେ ଗ୍ରାମର ଏକ ବରଗଛ ମୂଳରେ ମୋବାଇଲ ଧରି ବସିଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଭେଡ଼େନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଇଛି। ମୃତଦେହ ବୁଧବାର ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି।

### ଚିରନ୍ତନ ପଦ୍ଧତିରେ ଧାନଚାଷ ତାଲିମ ଶିବିର

**ଭେଡେନ,୪।୪(ଡି.ଏନ.ଏ):** ବରଗଡ ଜିଲା ଭେଡେନ ବ୍ଲକ ସିଆଲଖଣ୍ଡହଥା ପଞ୍ଚାୟତ ଅଫିସରେ ମହାଶକ୍ତି ଫାଉଣ୍ଡେଶନ ଓ କୋର୍ କାର୍ବନ ଏକ୍ସ ସଲ୍ୟୁଶନ ପ୍ରାଇଭେଟ ଲିମିଟେଡର ମିଳିତ ଆନୁକୂଲ୍ୟରେ ଓଦା ଏବଂ ଶୃଙ୍ଖଳା (ଚିରନ୍ତନ) ପଦ୍ଧତିରେ ଧାନଚାଷ ସମ୍ବନ୍ଧରେ ମଙ୍ଗଳବାର ଗ୍ରାମ୍ୟସ୍ତରୀୟ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରସାନନ୍ଦ ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ସିସିଏକ୍ସ ପ୍ରକଳ୍ପ ମୁଖ୍ୟ ସୁବୋଧ କୁମାର ସାହୁ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଏଥିରେ ସିଆଲଖଣ୍ଡହଥା ଗ୍ରାମର ଶତାଧିକ ଚାଷୀ ଅଂଶଗ୍ରହଣ କରିଥିଲେ। ସେଚ୍ଛାସେବୀ ରମେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଚୈତ୍ର ବାସନ୍ତିକ ପୂଜା ସମ୍ପନ୍ନ



**ସୋହେଲା,୪।୪(ଡି.ଏନ.ଏ.) :** ସୋହେଲା ବ୍ଲକ ଲମ୍ବରୁପାଲିଠାରେ ଥିବା ରଣେଶ୍ୱର ରାମଚଣ୍ଡୀ ପୀଠରେ ତିନିଦିନ ଧରି ଚାଲିଥିବା ଚୈତ୍ର ବାସନ୍ତୀକ ପୂଜା ମଙ୍ଗଳବାର ସମ୍ପନ୍ନ ହୋଇଛି। ରବିବାର କର୍ତ୍ତା ବ୍ୟାସଦେବ ସାହୁ ଏବଂ ପତ୍ନୀ ଭାଗ୍ୟବନ୍ତୀ ସାହୁଙ୍କ ସମେତ ଶହ ଶହ ମହିଳା ଲମ୍ବରୁପାଲି କଟାରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ଚଣ୍ଡୀହୋମ ଓ ପୂଜା ହୋଇଥିଲା। ପଣ୍ଡିତ ସରୋଜ ଦେବତା, ଗୌର ପଧାନ ଓ ସହଯୋଗୀ ପୂଜା କାର୍ଯ୍ୟ ତୁଲାଇଥିଲେ। ବ୍ଲକ କୁଳିତା ସାମାଜ ସଭାପତି ଗୋବିନ୍ଦ ସାହୁ, ସମ୍ପାଦକ ରାମାକାନ୍ତ ଭୋଇ, ରାଧାକାନ୍ତ ଭୋଇ, ଗଣତନ୍ତ୍ର ପଧାନ, ତୀର୍ଥବାସୀ ପାତ୍ର, ବାବୁଲୁ ପଧାନ, ଅଧିକାରୀ ପଧାନ, ଯୁଧିଷ୍ଠିର ନାୟକ, ଚତୁର୍ଭୁଜ ପଧାନ, ଅକ୍ଷୟ ଭୋଇ, ବୈବସ୍ୱତ ପଧାନ, ମକୁନ୍ଦ ପାତ୍ର, ଭୁବନେଶ୍ୱର ଖାମାରୀ, ଦୈତାରୀ ଭୋଇ, ବିରେନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଜୁନ୍ ସୁଦ୍ଧା ସୋନପୁରକୁ ଟ୍ରେନ୍ ଗଡ଼ିବା ନେଇ ପ୍ରଶ୍ନବାଚୀ

**ସୋନପୁର,୪।୪(ନି.ପ୍ର.)**




**ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ୍**
- ବ୍ୟୟବରାଦ ବଢୁଛି, କାର୍ଯ୍ୟ ତ୍ୱରାନ୍ୱିତ ହେଉନି
- ପ୍ରକଳ୍ପ ମଞ୍ଜୁରୀକୁ ବିତିଲାଣି ୨୯ ବର୍ଷ

ରେଳ ବଜେଟ୍‌ରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ବ୍ୟୟବରାଦ ବଢୁଛି। ଗତ ୨୦୧୫-୧୬ ମସିହାରୁ ଏହି ପ୍ରକଳ୍ପ ପାଇଁ ଅନୁଦାନ ରାଶି ବୃଦ୍ଧି ପାଇଛି। ୨୦୨୩-୨୪ ରେଳ ବଜେଟ୍‌ରେ ବହୁ ପ୍ରତିକ୍ଷୀତ ଏହି ପ୍ରକଳ୍ପ ପାଇଁ ରେକର୍ଡ ୧୫୯୯ କୋଟି ୫୦ ଲକ୍ଷ ଟଙ୍କା ଘୋଷଣା କରାଯାଇଛି। ତେବେ ପ୍ରକଳ୍ପର ଅଗ୍ରଗତି ଆଖିଦୃଶିଆ ହେଉନି। ଯେଉଁ ଭଳି କାମ ଚାଲିଛି ଜୁନ ମାସ ସୁଦ୍ଧା ସୋନପୁରକୁ ଟ୍ରେନ୍ ଗଡିବ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୧୯ ଜାନୁୟାରୀ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସି ବଲାଙ୍ଗୀର ପଟୁ ବଲାଙ୍ଗୀର-ବିଛୁପାଲି ୧୬ କିଲୋମିଟର ରେଳପଥ ଏବଂ ପାସେଞ୍ଜର ଟ୍ରେନ୍ ଚଳାଚଳର ଉଦ୍‌ଘାଟନ କରିଥିଲେ। ବଜେଟ୍‌ରେ ବ୍ୟୟବରାଦ୍ ବଢିଥିବାରୁ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ କାର୍ଯ୍ୟ ବଲାଙ୍ଗୀର ପଟରୁ ମଧ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଏହା ସମ୍ଭବ ହୋଇନାହିଁ। ବରାଦ୍ ଅର୍ଥ ସମ୍ପୂର୍ଣ୍ଣ ବିନିଯୋଗ ହୋଇ ପାରୁନି। ୨୦୨୩ ଜୁନ୍ ସୁଦ୍ଧା ସୋନପୁରକୁ ଟ୍ରେନ୍ ଚଳାଚଳ କରିବ ବୋଲି ରେଳ ବିଭାଗର ଲକ୍ଷ୍ୟ ଥିଲେ ମଧ ଏହା ଧାର୍ଯ୍ୟ ସମୟରେ ଆଉ ସମ୍ପୂର୍ଣ୍ଣ ହେବା ସ୍ଥିତିରେ ନାହିଁ ।

ଖୋର୍ଦ୍ଧା-ବଲାଙ୍ଗୀର ରେଳ ମଞ୍ଜୁରୀକୁ ଇତିମଧ୍ୟରେ ୨୯ ବର୍ଷ ପୂରିଲାଣି । ୧୯୯୪-୯୫ ମସିହାରେ ଏହି ରେଳ ପ୍ରକଳ୍ପକୁ କେନ୍ଦ୍ରୀୟ ମଞ୍ଜୁରୀ ମିଳିଥିଲା। ଦୀର୍ଘ ବର୍ଷ ପରେ ବି ୩୦୬.୨୫ କିଲୋମିଟର ଦୀର୍ଘ ଏହି ପ୍ରକଳ୍ପ ଆଶାନୁରୂପକ ଅଗ୍ରଗତି କରି ପାରି ନାହିଁ । ଏହା ସୁବର୍ଣ୍ଣପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲା ବାସୀଙ୍କୁ ବ୍ୟଥିତ କରିଛି। ଏହି ରେଳ ଲାଇନର ଖୋର୍ଦ୍ଧା ରୋଡରୁ ନୂଆଗାଁ ଓ ବଲାଙ୍ଗୀର ପଟୁ ଝାରତରଭା ପର୍ଯ୍ୟନ୍ତ ପ୍ରାୟ ୧୧୫ କିଲୋମିଟର କାର୍ଯ୍ୟ ସରିଛି। ରେଳ ପ୍ରକଳ୍ପର ନୟାଗଡ ଜିଲାର ଦଶପଲ୍ଲା ଓ ବୌଦ୍ଧ ଜିଲାର ପୁରୁଣାକଟକ ମଧ୍ୟରେ ଘଞ୍ଚ ଜଙ୍ଗଲ ଯୋଗୁଁ ରେଳ ଲାଇନ ସକାଶେ ଜଙ୍ଗଲ ମଞ୍ଜୁରୀ ନ ମିଳିବା ସମସ୍ୟା ସୃଷ୍ଟି କରିଥିଲା। ତେବେ ଗତ ଫେବୃୟାରୀ ମାସରେ ଏହି ରେଳ ପ୍ରକଳ୍ପର ୬୮ କିଲୋମିଟର ଲାଇନ ପାଇଁ କେନ୍ଦ୍ର ସରକାର ଜଙ୍ଗଲ ଅନୁମୋଦନ ପ୍ରଦାନ କରିଛନ୍ତି । ତେଣୁ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ତତ୍ପର ଥିବା ଜଣାପଡୁଛି। ଗତ ନଭେମ୍ବର ୧୦ ତାରିଖରେ ଏହି ରେଳ ଲାଇନର ବିଛୁପାଲିରୁ ସୁବର୍ଣ୍ଣପୁର ଜିଲାର ଝାରତରଭା ଷ୍ଟେଶନ ମଧ୍ୟରେ ସ୍ପିଡ୍ ଟ୍ରାଏଲ ପରେ ଉତ୍କଣ୍ଠା ପ୍ରକାଶ ପାଇଛି । ଅପ୍ରେଲ ସୁଦ୍ଧା ଝାରତରଭାରୁ ୧୧ କିଲୋମିଟର ଦୂର ନରସିଂହଗଡ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ଲକ୍ଷ୍ୟ ଥିଲା। ତାହା ପୂରଣ ହେବା ନେଇ ଆଶା କରାଯାଉଛି। କିନ୍ତୁ ନରସିଂହଗଡରୁ ସୋନପୁର ରେଳଷ୍ଟେଶନ ୯ କିଲୋମିଟର କାମ ମନ୍ଥର ଗତିରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ରେଳ ଲାଇନରେ କେବଳ ମାଟି କାମ ସରିଛି । ମେଟାଲ ବିଛା କାମ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନି। ସୋନପୁର ସହର ଉପକଣ୍ଠ ଛିନ୍ଛାନ ଡୁଙ୍ଗୁରି ଠାରେ ପାହାଡ କଟା ଆହୁରି ବାକି ଅଛି। ପଥର ବ୍ଲାଷ୍ଟିଂ ପାଇଁ ଠିକାସଂସ୍ଥା ଜିଲା ପ୍ରଶାସନର ଅନୁମତି ଲୋଡିଛି । ସେହିପରି ଧାବାମୁଣ୍ଡାଠାରେ ପୂର୍ବରୁ ୨ଥାକିଆ ରାସ୍ତା ପାଇଁ ବ୍ରିଜ୍ କରିବାକୁ ରେଳ ବିଭାଗର ଯୋଜନା ଥିଲା। ଭବିଷ୍ୟତରେ ରାସ୍ତାରେ ଭିଡକୁ ଦୃଷ୍ଟିରେ ରଖି ୪ ଥାକିଆ ରାସ୍ତା ପାଇଁ ବ୍ରିଜ୍ କରିବାକୁ ରେଳ ବିଭାଗକୁ କୁହାଯାଇଛି। ତେଣୁ କାର୍ଯ୍ୟରେ ବିଳମ୍ବ ହେଉଛି। ଏ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ବ୍ରିଜ୍‌ର ଡିଜାଇନ ଆସି ନଥିବା ଜଣାପଡିଛି। ସେହିପରି ତେଲନଦୀରେ ବ୍ରିଜ୍ କାମ ମନ୍ଥର ଗତିରେ ଚାଲିଛି। ଗତ ୩ ବର୍ଷ ହେଲା କାମ ଚାଲିଥିଲେ ମଧ ତାହା ସରୁନି। ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀ ଧାର୍ଯ୍ୟ ସମୟ ମଧ୍ୟରେ ସୋନପୁର ପର୍ଯ୍ୟନ୍ତ କାମ ସାରିବାକୁ ସୁବର୍ଣ୍ଣପୁର ଜିଲାର ଜିଲାର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ଝଡ଼ତୋଫାନ ସାଙ୍ଗକୁ କରକାପାତ, ବ୍ୟାପକ କ୍ଷତି

**ଭେଡେନ,୪।୪(ଡି.ଏନ.ଏ)**

ବରଗଡ ଜିଲା ଭେଡେନ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଝଡ ତୋଫାନ ସହ ଝିପିଝିପି ବର୍ଷା ଏବଂ ବଜ୍ରପାତ ହୋଇଛି। ଏଥିଯୋଗୁ ବହୁ କ୍ଷତି ହୋଇଛି। କେତେକଙ୍କ ଚାଳ ଛପର ଘର ଉଡିଯାଇଥିବା ବେଳେ ଅନେକଙ୍କ ଛାତ ଉପରେ ଥିବା ପାଣିଟାଙ୍କି, ଡିଟିଏଚ ଛତା ଉଡାଇ ନେଇଛି। ସେହିପରି ବଡ ବଡ ଗଛ ଭାଙ୍ଗି ରାସ୍ତା ଉପରେ ପଡିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ଭେଡେନ ତଳିପଡା, ହାଟପଦାର ଅନେକଙ୍କ ଆଜବେଷ୍ଟସ ଉଡିଯାଇଛି। ବକଟୀ ପଞ୍ଚାୟତର କୁସେନପୁରୀ, ବେହେରାଟିକ୍ରା, ବୁର୍ଦା ଅଞ୍ଚଳରେ କରକାପାତ ହୋଇଛି। ଧାନ ଫସଲ ଫୁଲ ଝଡି ଯାଇଥିବା ବେଳେ ତରଭୁଜ, ମାଖନ, ପିଆଜ ଏବଂ ପନିପରିବା ଚାଷ ଉପରେ ପ୍ରଭାବ ପଡିଛି। ପ୍ରଶାସନ ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବୈଶାଖ ମେଳା ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ କମିଟି ସଦସ୍ୟଗଣ।

**ପାଇକମାଲ,୪।୪(ଡି.ଏନ.ଏ.)**

ପଶ୍ଚିମ ଓଡିଶାର ପ୍ରସିଦ୍ଧ ପୁଣ୍ୟପୀଠ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମ ମହୋତ୍ସବ ତଥା ବୈଶାଖ ମେଳା ଆସନ୍ତା ମେ ୧ରୁ ୫ତାରିଖ ଯାଏ ଅନୁଷ୍ଠିତ ହେବ। ଏହି ମେଳାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ମେଳା ପରିଚାଳନା ପାଇଁ ମଙ୍ଗଳବାର ଭୋଗ ମଣ୍ଡପ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ଦିର ଟ୍ରଷ୍ଟ ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବୈଶାଖ ମେଳା ପରିଚାଳନା କମିଟିର ୩୫ ଜଣ ସଭ୍ୟ ଓ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର, ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳା ସହ ମେଳା ପରିଚାଳନା ପାଇଁ କମିଟି ସଭ୍ୟ ଓ ବିଭାଗୀୟ ଅଧିକାରୀମାନଙ୍କୁ ଉପ ଜିଲାପାଳ କୁମ୍ଭାର ପରାମର୍ଶ ଦେଇଥିଲେ। ଦୋକାନୀମାନଙ୍କ ପାଇଁ ସ୍ଥାନ ନିରୂପଣ ଓ ସୌନ୍ଦର୍ଯ୍ୟକରଣ ପାଇଁ କରାଯାଉଥିବା ନିର୍ମାଣ କାମକୁ ୨୦ତାରିଖ ସୁଦ୍ଧା ବନ୍ଦ କରି ଚାରିପଟକୁ ଗମନାଗମନ ପାଇଁ ସୁବିଧା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବିଦ୍ୟୁତ୍, ପାନୀୟ ଜଳ, ଶାନ୍ତିଶୃଙ୍ଖଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ଅଭ୍ୟର୍ଥନା, ସ୍ୱାସ୍ଥ୍ୟ ଆଦି ୯ଟି କମିଟି କରାଯାଇଥିଲା। ଏହି କମିଟି ନିଜ ନିଜ ମଧ୍ୟରେ ଯୋଗାଯୋଗ କରି ଆଲୋଚନା ତଥା ବୈଠକ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ବିକାଶ ଛାତ୍ରଙ୍କ ପ୍ଲେସ୍‌ମେଣ୍ଟ ସଫଳତା

**ବରଗଡ଼ ଅଫିସ୍,୪।୪**

ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜର ୬ ଛାତ୍ର ପ୍ଲେସମେଣ୍ଟ କ୍ୟାମ୍ପସ ଡ୍ରାଇଭରେ ସଫଳତା ଅର୍ଜନ କରିଛନ୍ତି। ଭୁବନେଶ୍ୱର ସ୍ଥିତ ଟିସିଏସ୍ ଇୟନ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ଲେସମେଣ୍ଟ କ୍ୟାମ୍ପସରେ ସେମାନେ ଅଂଶଗ୍ରହଣ କରି ସଫଳତା ପାଇଥିଲେ। ସେମାନଙ୍କ ମଧ୍ୟରୁ ବାଣିଜ୍ୟ ଛାତ୍ର ଶ୍ରବଣ କୁମାର ଅଗ୍ରୱାଲ, ପାର୍ଥସାରଥୀ ରାୟ, ବିଶାଳ ଶର୍ମା, ସଚିନ ସୁନ୍ଦର ଦାଶ ଏବଂ ସୁମନ ରାଜହଂସ ଉକ୍ତ କ୍ୟାମ୍ପସ ଡ୍ରାଇଭ୍‌ରେ ସଫଳ ହୋଇଥିବାବେଳେ ପଦାର୍ଥ ବିଜ୍ଞାନ ଛାତ୍ର ଓମ୍‌ପ୍ରକାଶ ପ୍ରଧାନ ୱିପ୍ରୋରେ ନିଯୁକ୍ତି ପାଇଥିବା ସୂଚନା ମିଳିଛି। ଛାତ୍ରମାନଙ୍କ ଏହି ସଫଳତାରେ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଉପାଧ୍ୟକ୍ଷ ଆର୍.ଏସ୍.ଭି କ୍ରୀଷ୍ଣା ପ୍ରମୁଖ କୃତୀ ଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଘରକୁ ପଶୁଛି ନର୍ଦ୍ଦମାପାଣି

**ବରଗଡ଼ ଅଫିସ୍,୪।୪**

ସରକାରୀ ଜମିରେ ପାଚେରି ଯୋଗୁ ବରଗଡ଼ ବ୍ଲକ ବରଡ଼ୋଲ ପଞ୍ଚାୟତ ଅଧୀନ ୱାର୍ଡ ନଂ-୭ର କେତେକ ଘରକୁ ନର୍ଦ୍ଦମା ପାଣି ପଶୁଛି। ଏଭଳି ଅଭିଯୋଗ ନେଇ ପ୍ରଭାବିତ ପରିବାର ଲୋକେ ମଙ୍ଗଳବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଭେଟି ସେମାନେ ସମସ୍ୟା ଉପରେ ଅବଗତ କରିଥିଲେ।

ପ୍ରକାଶ ଯେ, ସ୍ଥାନୀୟ ଜଣେ ପ୍ରତିଷ୍ଠିତ ଲୋକ ସରକାରୀ ଜମିରେ ପାଚେରି ଦେଇଛନ୍ତି। ଫଳରେ ବରଡ଼ୋଲ ପଞ୍ଚାୟତ ୱାର୍ଡ ନଂ-୭ରୁ ନର୍ଦ୍ଦମା ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ସେହି ନର୍ଦ୍ଦମା ପାଣି ଗ୍ରାମର ରାଧାକାନ୍ତ ମିଶ୍ରଙ୍କ ସମେତ ଅନ୍ୟ କେତେକଙ୍କ ଘରକୁ ପଶୁଛି। ଏ ନେଇ ଗତମାସରେ ରାଧାକାନ୍ତ ଏବଂ ଅନ୍ୟମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସରଜମିନ ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ କିଛି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହୋଇଛି। ସରକାରୀ ଜମିରେ ରହିଥିବା ସେହି ପାଚେରି ଭାଙ୍ଗିବାକୁ ପ୍ରଭାବିତ ଲୋକେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ।

### ରେମତା ଗ୍ରାମରେ ଯୁଗାର ଯାତ୍ରା

**ବରପାଲି,୪।୪(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ବ୍ଲକ ରେମତା ଗ୍ରାମରେ ମାଁ ମଙ୍ଗଳା ତ୍ରିଶାଳି ଯୁଗାର ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଟଲି ବିଧାୟକ ସୁଶାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନେତା ଲାଲ ବିକ୍ରମ ସିଂହଦେଓ, ବରଗଡ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସରପଞ୍ଚ ବିନୟ ଗଡତିଆ, ସମିତି ସଭ୍ୟା ବିଜୟଲକ୍ଷ୍ମୀ ବେହେରା, ତରଣୀ ଦେବତା, ସାନନ୍ଦ ପାଣ୍ଡେ, ଶଙ୍କର ସା, ବିଶିକେଶନ ପଟେଲ, ଦିବ୍ୟକିଶୋର ବେହେରା, ଅକ୍ଷୟ ଗଡତିଆ, ଅଧିକାରୀ ଗଡତିଆ ପ୍ରମୁଖ ପଞ୍ଚାୟତର ନେତୃବୃନ୍ଦ ଉପସ୍ଥିତ ରହି ମାଁ ମଙ୍ଗଳାଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଯୁଗାର ଯାତ୍ରାରେ ଆଖପାଖ ବ୍ଲକ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

## ଆନ୍ତଃ ଜିଲା ଲନ୍ ବଲ୍ସରେ ବରଗଡ଼କୁ ସ୍ୱର୍ଣ୍ଣ ପଦକ

**ବରପାଲି,୪।୪(ଡି.ଏନ.ଏ.)**

ଆନ୍ତଃ ଜିଲା ଲନ ବଲ୍ସ ପ୍ରତିଯୋଗିତାରେ ବରଗଡ଼ ଜିଲା ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛି। କଟକରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ମୋଟ ୧୭ ଜିଲା ଭାଗ ନେଇଥିଲେ। କୋଚ୍ ପ୍ରଭାକର ଶିକାଙ୍କ ନେତୃତ୍ୱରେ ବରଗଡ଼ ଜିଲା ବରପାଲିରୁ ସୂର୍ଯ୍ୟ ଭୋଇ(କ୍ୟାପଟେନ), ଆରତୀ ଭୋଇ, ରୋଜି ନାୟକ, ଭାନା ନାଗ, କିଶନ ଶିକା, ପ୍ରତ୍ୟୁଷ କୁମାର ପଣ୍ଡା, ଦେବାର୍ଚ୍ଚନ ଭୋଇ ପ୍ରମୁଖ ଭାଗ ନେଇଥିଲେ। ଏହି ଦଳ ଟ୍ରିପଲ ବିଭାଗରେ ଭଦ୍ରକ ଜିଲାକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଡବଲ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ଏହି ଖେଳଳିମାନେ ଟ୍ରେନ ଯୋଗେ ବରପାଲି ରେଳ ଷ୍ଟେଶନରେ ମଙ୍ଗଳବାର ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବରଗଡ଼ ଜିଲା ବରପାଲି ଅଞ୍ଚଳର ଖେଳାଳିମାନଙ୍କ ଏହି କୃତିତ୍ୱରେ ମନ୍ତ୍ରୀ ରୀତା ସାହୁ ଅଭିନନ୍ଦନ ଜଣାଇଛନ୍ତି। ସନ୍ଧ୍ୟାରେ ବରଗଡ଼ ଜିଲା ଲନ ବଲ୍ସ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ମେହେର କ୍ଲବରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସଭାପତି ତଥା ପୂର୍ବତନ ଏମ୍‌ପି ଡ. ପ୍ରଭାସ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତହସିଲଦାର ରୁକ୍ମଣ କୁମାର ମେହେର, ବିଇଓ ମୁକୁନ୍ଦ ମାହାର, ପ୍ରାକ୍ତନ ଅଧକ୍ଷ ଡ. ରବୀନ୍ଦ୍ର ଗଡତିୟା, ଆସୋସିଏଶନର ସମ୍ପାଦକ ଯଶୋବନ୍ତ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ଶିଶୁ ମନ୍ଦିରର ବାର୍ଷିକୋତ୍ସବ

**ବରଗଡ଼ ଅଫିସ୍,୪।୪**

ବରଗଡ଼ ବ୍ଲକ ଅନ୍ତର୍ଗତ ଏସ. ଢୁମ୍ବେରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱିତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସଂସ୍କାର ନ ଥିଲେ ଶିକ୍ଷା ଅର୍ଜନ ମୂଲ୍ୟହୀନ ବୋଲି କହିଥିଲେ। ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ, ସିଆରସିସି ଗୋପବନ୍ଧୁ ସାହୁ, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ସରପଞ୍ଚ ଯୋଗେଶ୍ୱର ସାହୁ, ସମିତି ସଭ୍ୟ ଦୟାସାଗର ବାଗ, ଦୁଲମପୁର ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବେଣୁଧର ଛନ୍ଦ, ବରଗଡ଼ ବିବେକାନନ୍ଦ ପବ୍ଲିକ ସ୍କୁଲର ସମ୍ପାଦକ ଧରଣୀଧର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବେଣୁଧର ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ୮୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ନାରାୟଣ ଗଣିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ଜନନୀ ପୂଜନୋତ୍ସବ

**ଅତାବିରା,୪।୪(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଦୁଲମପୁରସ୍ଥିତ ଉତ୍କଳମଣି ଶିଶୁଶିକ୍ଷା ମନ୍ଦିରରେ ଉତ୍କଳ ଜନନୀ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଭାଲୁଡୁଙ୍ଗୁରି ସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସିଆରସିସି ରଶ୍ମିରାଣୀ ନନ୍ଦ ମୁଖ୍ୟଅତିଥି, ଭୀଷ୍ମଦେବ ସରାଫ ମୁଖ୍ୟବକ୍ତା, ମଧୁସ୍ମିତା ପୃଷ୍ଟି, ସରପଞ୍ଚ ଭି. ଏଙ୍କେନା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ତଥା ପ୍ରଧାନ ଆଚାର୍ଯ୍ୟ ବେଣୁଧର ଛନ୍ଦ ଏବଂ ରେବତୀ କରନ ସଭା ପରିଚାଳନା କରିଥିଲେ। ସୁନେଲୀ ଅମାତ, ସୁସ୍ମିତା ଦେହେରୀ, ଶିବାନୀ ଅମାତ, ଗୀତାରାଣୀ କର୍ଣ୍ଣ, କିରଟୀ ଭୋଇ, ସନ୍ଧ୍ୟାରାଣୀ ସେଟ୍, ଅନୁପମ ଛୁରିଆ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ୩୦ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।



ଉତ୍କଳ ଜନନୀ ପୂଜନ ଉତ୍ସବରେ ଅତିଥିବୃନ୍ଦଙ୍କୁ ଛାତ୍ରୀଛାତ୍ର ପ୍ରଣିପାତ ହେଉଛନ୍ତି।

## ରାମଲୀଳା: ରାମ ବନବାସ ମଞ୍ଚସ୍ଥ

**ଭେଡେନ,୪।୪(ଡି.ଏନ.ଏ)**

ବରଗଡ ଜିଲା ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଗଣ୍ଡତୁରୁମ ରାମଲୀଳା ଉତ୍ସବର ସୋମବାର ଥିଲା ପଞ୍ଚମ ଦିବସ। ନାଟ୍ୟାଭିନୟରେ ରାବଣର ଅତ୍ୟାଚାରରେ ଦେବଗଣ ଥରହର ହୋଇଥିଲେ। ଏହାର ପ୍ରତିକାର ସଦୃଶ ଦେବରାଜ ଇନ୍ଦ୍ର ରାଜସଭାର ଆୟୋଜନ କରିଥିଲେ। ସଭାରେ କେଉଁ ପ୍ରକାରେ ରାମ ବନଗମନ କରିବେ ଏବଂ ଦୁଷ୍ଟ ରାକ୍ଷସ ରାବଣର ନିହତ ହେବ ତାର ଉପାୟ ସ୍ଥିର ହୋଇଥିଲା। ତେବେ ଦେବାସୁର ଯୁଦ୍ଧ ସମୟରେ ରାଜା ଦଶରଥ ରାଣୀ କୈକେୟୀଙ୍କୁ ଯାଚିଥିବା ବରର ପ୍ରତିଫଳନ ସଦୃଶ କପଟରେ ତାହା ମାଗିବା ପାଇଁ ମନ୍ଥରା ଦାସୀ ମୁଣ୍ଡରେ ଦାୟିତ୍ୱ ଦେବା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଦଶରଥ ଏଥିରେ ବାରଣ କରିବାର ସମର୍ଥ ହରାଇ ବାଧ୍ୟ ହୋଇ ଶେଷରେ ରାମଙ୍କୁ ରାଜ୍ୟ ତ୍ୟାଗ କରିବା ପାଇଁ ଆଦେଶ ଦେଇଥିଲେ। ବିମାତା କୈକେୟୀଙ୍କ ଚକ୍ରାନ୍ତରେ ରାମ, ଲକ୍ଷ୍ମଣ ଓ ସୀତା ବନଗମନ କରିଥିଲେ। ଅନ୍ୟପକ୍ଷେ ଭରତ ନିଜର ମାତୁଳାଳୟରୁ ଫେରି ରାମଙ୍କୁ ଫେରାଇ ଆଣିବାର ପ୍ରଚେଷ୍ଟା ବିଫଳ ହୋଇଥିଲା। ଭରତ ନିରାଶ ହୋଇ ଶେଷରେ ରାମଙ୍କ ପାଦୁକା ନେଇ ନନ୍ଦିଗ୍ରାମରେ ସ୍ଥାପନ କରିବା ସହିତ ଚଉଦ ବର୍ଷ ବନବାସରୁ ଫେରିବା ବାଟକୁ ଅପେକ୍ଷା କରି ରହିଥିଲେ। ରାମ, ଲକ୍ଷ୍ମଣ ଓ ସୀତା ଅତ୍ରୀ ଋଷିଙ୍କ ଆଦେଶରେ ପଞ୍ଚବଟୀ ଅରଣ୍ୟରେ କୁଟୀର ନିର୍ମାଣ କରି ଚଉଦ ବର୍ଷ ବନବାସ ଅତିବାହିତ କରିବା ପାଇଁ ମନସ୍ଥ କରିବା ଆଦି ଦୃଶ୍ୟ ଅଭିନୀତ ହୋଇଥିଲା।



ରାମ ବନବାସର ଏକ ଦୃଶ୍ୟାଭିନୟ।

## ଜୁଆ ଚଢ଼ାଉ: ୮ ଗିରଫ, ୧୦ ବାଇକ୍ ଜବତ

କୁତ୍ରା,(ଡି.ଏନ.ଏ): କୁତ୍ରା ଥାନା ଅଧୀନ ୧୦ ନଂ. ରାଜ୍ୟ ରାଜପଥରୁ ଖଡକୁରବାହାଲ ରାସ୍ତା ପାର୍ଶ୍ୱ ସରକାରୀ ବୈଷୟିକ ଶିକ୍ଷା ଅନୁଷ୍ଠାନ ପଛପଟେ ଜୁଆ ଖେଳ ଚାଲୁଥିବା ବେଳେ ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଚଢ଼ାଉ କରିଛି। ଚଢ଼ାଉ ବେଳେ ୧୦ଟି ବାଇକ୍ ଓ ୨୦,୨୪୦ ଟଙ୍କା ଜବତ ହୋଇଛି। ଏହି ଘଟଣାରେ ପୋଲିସ ୮ଜଣଙ୍କୁ ଗିରଫ କରିଥିବା ଥାନାଧିକାରୀ ମନୋରଞ୍ଜନ ବିଶି କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

ସୁନ୍ଦରଗଡ଼, ୪।୪(ଡି.ଏନ.ଏ.): ଗଞ୍ଜେଇ ଚାଲାଣ ଅଭିଯୋଗରେ ସୁନ୍ଦରଗଡ ଟାଉନ ଥାନା ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିହାର ରାଜ୍ୟ ଲାଲାପୁରର ଶ୍ରୀରାମ ପାଲ(୬୧) ଓ ଠାକୁର ପାଲ(୬୭)। ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୨୬ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହି ଗଞ୍ଜେଇ ଫୁଲବାଣୀରୁ ବିହାରକୁ ଚାଲାଣ ହେଉଥିବା ସମ୍ପର୍କରେ ଖବର ପାଇ ଟାଉନ ଥାନା ଆଇଆଇସି ସୁଶାନ୍ତ କୁମାର ପରିଡା ସଦଳବଳ ଚଢାଉ କରି ସ୍ଥାନୀୟ ସରକାରୀ ବସ୍‌ଷ୍ଟାଣ୍ଡରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ବ୍ରହ୍ମଲୀନ ଅବଧୂତ ଚିତ୍ତରଞ୍ଜନ ବାବାଙ୍କ ଶ୍ରାଦ୍ଧବାର୍ଷିକୀ



ବେଲପାହାଡ,୪।୪(ଡି.ଏନ.ଏ.): ଲଖନପୁର ବ୍ଲକ ପଞ୍ଚଗାଁ ବିଜାପାଲିସ୍ଥିତ ମହିମା ଆଶ୍ରମରେ ବ୍ରହ୍ମଲୀନ ଅବଧୁତ ଚିତ୍ତରଞ୍ଜନ ବାବାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଜାପାଲି ମହିମା ଆଶ୍ରମ ମନ୍ଦିରରେ ବ୍ରହ୍ମ ଧୂନି ସ୍ଥାପନ ପୂର୍ବକ ଅଖଣ୍ଡ ବତି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କାଶ୍ୟବ ଦାସ, ସ୍ୱରୂପାନନ୍ଦ ଦାସ, ହରିହର ଦାସ, ଅଭୟ ଦାସ, ନେପାଳ ଦାସ ପ୍ରମୁଖ ସାଧୁସନ୍ଥ ଉପସ୍ଥିତ ଥିଲେ। ମହିମା ଧର୍ମାବଲମ୍ବି ଭକ୍ତମାନଙ୍କ ମଧରେ ବିରଞ୍ଚି ସାହୁ, ବାସୁଦେବ ପଧାନ, ପଞ୍ଚାନନ ପଧାନ, ଯୋଗୀନ୍ଦ୍ର ପୂଜାରୀ, ଲକ୍ଷ୍ମୀନାରାୟଣ ସାହୁ ଓ ବିଜାପାଲି ଗ୍ରାମର ଫକୀର ସାହୁ, ଜୟରାମ ଭୋଇ, କୁନିଲତା ସାହୁ, କନକଲତା ସାହୁ ପ୍ରମୁଖ ଯୋଗଦେଇ ଚିତ୍ତରଞ୍ଜନ ବାବାଙ୍କ ଅମର ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ।

### ୧୨ରୁ ସାହାଣୀ କପ୍ ଫୁଟ୍‌ବଲ ପାଇଁ ଚୟନ ଶିବିର

ସୁନ୍ଦରଗଡ,୪।୪(ଡି.ଏନ.ଏ.): ଚଳିତବର୍ଷ ବରିଷ୍ଠ ପୁରୁଷ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପ୍ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେଉଛି। ଏଥିନିମନ୍ତେ ସୁନ୍ଦରଗଡ ଜିଲା କ୍ରୀଡ଼ା ସସଦ ତରଫରୁ ଜିଲା ଦଳ ଚୟନ ପାଇଁ ଆସନ୍ତା ୧୨ ଓ ୧୩ତାରିଖରେ ସୁନ୍ଦରଗଡ ଷ୍ଟାଡିୟମରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଇଛୁକ ଖେଳାଳିମାନେ ଉକ୍ତ ଦିନ ସକାଳ ୭ଟାରୁ ଆରମ୍ଭ ହେବାକୁ ଥିବା ଶିବିରରେ ଅଧାରକାର୍ଡ ଦାଖଲ କରି ନିଜ ନାମ ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଛି।

### ନୂତନ ଥାନାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ବେଲପାହାଡ,୪।୪(ଡି.ଏନ.ଏ.): ବେଲପାହାଡ ଥାନା ଅଧିକାରୀ ରଞ୍ଜନ ବିଶ୍ୱାଳଙ୍କ ଝାରସୁଗୁଡା ବଦଳି ହୋଇଥିବା ବେଳେ ବେଲପାହାଡର ନୂତନ ଥାନା ଅଧିକାରୀ ଭାବେ ଆଇଆଇସି ଅମିତାଭ ପଣ୍ଡା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ଝାରସୁଗୁଡା ବଡମାଲ ଥାନା ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ବେଲପାହାଡରେ ଆଇନଶୃଙ୍ଖଳାକୁ ଗୁରୁତ୍ୱ ଦେବା ସହ ଜନସାଧାରଣଙ୍କ ଆସ୍ଥା ଭାଜନ ହେବାକୁ ତାଙ୍କର ଉଦ୍ୟମ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି।

# ଖରାରେ ଚାଲିଛି ନିର୍ମାଣ କାମ

## ସରକାରୀ ନିର୍ଦ୍ଦେଶକୁ ବେଖାତିର

ରାଉରକେଲା ଅଫିସ,୪।୪

ସ୍ମାର୍ଟସିଟି ରାଉରକେଲାରେ ଏପ୍ରିଲ ମାସ ଆରମ୍ଭରୁ ପ୍ରବଳ ଖରା ହେଲାଣି। ସକାଳ ୯ଟା ହୋଇଗଲେ ଖରାର ପ୍ରକୋପ ଅନୁଭୂତ ହେଉଛି। ଲୋକେ ବିନା କାମରେ ଘରୁ ବାହାରୁ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ରାଉରକେଲା ଯୁଗ୍ମ ଶ୍ରମ ସଂସ୍ଥାପକ ସହରର ସମସ୍ତ ନିର୍ମାଣ ଶ୍ରମିକ ନିଯୁକ୍ତିଦାତାଙ୍କୁ ଏପ୍ରିଲରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ଶ୍ରମିକମାନଙ୍କୁ କାମରେ ନିୟୋଜିତ ନ କରିବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ନିର୍ମାଣ ଶ୍ରମିକ ନିଯୁକ୍ତିଦାତା ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରି ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ଯାଏ ଶ୍ରମିକମାନଙ୍କୁ ବିରତି ନ ଦେଇ ପ୍ରଚଣ୍ଡ ଖରାରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରୁଥିବା ଦେଖିବାକୁ ମିଳିଛି।



ଉଦିତନଗରରେ ମହିଳା ଶ୍ରମିକମାନେ ପ୍ରଚଣ୍ଡ ଖରାରେ ଇଟା ବୋହୁଛନ୍ତି।

ସୂଚନା ଅନୁସାରେ, ସୁନ୍ଦରଗଡ଼ ଜିଲାର ପଞ୍ଜୀକୃତ ୨ଲକ୍ଷ ୩୭ହଜାର ୬୩୯ ନିର୍ମାଣ ଶ୍ରମିକଙ୍କ ମଧ୍ୟରୁ କେବଳ ୪୦ଭାଗ ରାଉରକେଲା ସହରର ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ହୋଇଥାନ୍ତି। ସେମାନେ ସହରର ବିଭିନ୍ନ ଗଳିକନ୍ଦିରେ ଚାଲିଥିବା ନିର୍ମାଣ କାର୍ଯ୍ୟରେ କାମ କରୁଛନ୍ତି। ଏପ୍ରିଲ ମାସ ଆରମ୍ଭରୁ ଖରାର ପ୍ରକୋପ ବଢିଛି। ପ୍ରବଳ ଖରାରେ ଶ୍ରମିକମାନେ କାମ କରୁଥିବାରୁ ଅଂଶୁଘାତ, ଜଳହୀନତା, ରକ୍ତ ଲବଣତା ହ୍ରାସ ଓ ଜ୍ୱର ଆଦିରେ ସଂକ୍ରମି ତ ହେବା ଆଶଙ୍କା ରହିଛି। ଅନ୍ୟପଟେ ନିର୍ମାଣ କାର୍ଯ୍ୟ ସ୍ଥଳରେ ଶୀତଳ ପାନୀୟ ଜଳ, ଛାୟା ପ୍ରଦାନ, ଡାକ୍ତରୀ ଚିକିତ୍ସା, ଓଆରଏସ ପ୍ୟାକେଟ ବ୍ୟବସ୍ଥା ସହ ନିଯୁକ୍ତିଦାତା ନିର୍ମାଣସ୍ଥଳରେ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିବା ନମ୍ବର ନୋଟିସ ବୋର୍ଡରେ ପ୍ରଦର୍ଶନ କରିବା ପାଇଁ ବିଭାଗୀୟ ନିର୍ଦ୍ଦେଶ ରହିଛି। ମାତ୍ର ଏହି ନିର୍ଦ୍ଦେଶକୁ କେହି ପାଳନ କରୁନାହାନ୍ତି। ଫଳରେ ଶ୍ରମିକମାନେ ପ୍ରବଳ ଖରାରେ କାମ କରିବାକୁ ବାଧ ହେଉଛନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ରାଉରକେଲା ଶ୍ରମ ବିଭାଗ ଅଧିକାରିଣୀ ଦିବ୍ୟଜ୍ୟୋତି ନାୟକଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ମୋ ପାଖରେ କୌଣସି ଅଭିଯୋଗ ନାହିଁ। ସରକାରୀ ନିର୍ଦ୍ଦେଶ ପାଳନ କରାଯାଉ ନ ଥିଲେ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାୟକ କହିଥିଲେ।

# ଚୋରା ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ



ଜବତ ହୋଇଥିବା ମାଙ୍ଗାନିଜ୍ ବୋଝେଇ ଟ୍ରକ୍।

ଟେନସା,୪।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ରେଞ୍ଜ୍ ଅନ୍ତର୍ଗତ କଲମଙ୍ଗ ଜଙ୍ଗଲରୁ ଏକ ଚୋରା ମାଙ୍ଗାନିଜ ଟ୍ରକ୍ (ନଂ.ଓଆର୨୯/୭୮୨୯)କୁ ରବିବାର ରାତିରେ କୋଇଡା ବନ ବିଭାଗ ଜବତ କରିଛି। ଜବତ ମାଙ୍ଗାନିଜର ମୂଲ୍ୟ ୫ଲକ୍ଷ୍ୟ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଗାଡ଼ି ଡ୍ରାଇଭର ଓ ହେଲପର ଫେରାର ଅଛନ୍ତି। ଉକ୍ତ ଟ୍ରକ୍ କେନ୍ଦ୍ରାପଡା ଅଞ୍ଚଳର ବୋଲି ଜଣାପଡ଼ିଥିବା ବେଳେ ଏହି ଘଟଣାରେ କେହି ଗିରଫ ହୋଇନାହାନ୍ତି। ସୂଚନାଯୋଗ୍ୟ, କଲମଙ୍ଗ ଜଙ୍ଗଲରେ ଏକ ୧୨ଚକିଆ ଟ୍ରକ୍ ଚୋରା ମାଙ୍ଗାନିଜ ବୋଝେଇ କରି ଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ କୋଇଡା ବନ ବିଭାଗ ଚଢ଼ାଉ କରି ଟ୍ରକ୍‌କୁ ଜବତ କରିଥିଲା। ଉଲ୍ଲେଖନୀୟ, ଗତ କିଛିଦିନ ହେଲା କୋଇଡା ଅଞ୍ଚଳରେ ଆନ୍ତଃ ରାଜ୍ୟ ମାଙ୍ଗାନିଜ ମାଫିଆ ସକ୍ରିୟ ଅଛନ୍ତି। ଏହି ମାଙ୍ଗାନିଜ ଚୋରା କାରବାରକୁ ନେଇ ଗତ କିଛିଦିନ ତଳେ ଗୁଳିକାଣ୍ଡ ଘଟିଥିଲା। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିଲା। ତଥାପି କୋଇଡା ରେଞ୍ଜ୍‌ରେ ମାଙ୍ଗାନିଜ ଚୋରା କାରବାର ବନ୍ଦ ହୋଇନାହିଁ। ବିଶେଷ କରି ମାଲଦା, ପାଟମୁଣ୍ଡା, ପୋଢାଡ଼ି, ଗିଡ଼େଇ, ପାନପୋଷିଆ, ସର୍ଗିଗଡ଼, କାନୁସାହି ଜଙ୍ଗଲରୁ ବହୁ ପରିମାଣର ମାଙ୍ଗାନିଜ ଚୋରା ଚାଲାଣ ହେଉଥିବା ଜଣାପଡିଛି।

# ଜାତୀୟ କୁଇଜ ପ୍ରତିଯୋଗିତାରେ ପ୍ରଥମ

## ସୁନ୍ଦରଗଡର ସରିତ ଉପାଧ୍ୟାୟ

ସୁନ୍ଦରଗଡ,୪।୪(ଡି.ଏନ.ଏ .)

ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ପର୍ଯ୍ୟଟନ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ପ୍ରତିଯୋଗିତା ତଥା ମାଇଣ୍ଡ ୱାର ଓ ଜି ଟିଭିର ମିଳିତ ଉଦ୍ୟମରେ ଆୟୋଜିତ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ ଅନ୍‌ଲାଇନ କୁଇଜ ପ୍ରତିଯୋଗିତାରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସୁନ୍ଦରଗଡ ଜିଲା ପାଇଁ ଗୌରବ ଆଣିଛନ୍ତି ସରିତ ଉପାଧ୍ୟାୟ । ସୁନ୍ଦରଗଡ ଆର୍‌ଆର୍‌ଆଇଟି କଲୋନୀ ସ୍ଥିତ ରିଭର ଷ୍ଟୋନ ଇଣ୍ଟରନ୍ୟାଶନାଲ ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ର ସରିତଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି।

ଲେଫ୍ରିପଡା ବ୍ଲକ ଝୁରିମାଲ ଗ୍ରାମର ଦିଗମ୍ବର ଉପାଧ୍ୟାୟ ଓ ଅନୁପମା ଉପଧ୍ୟାୟଙ୍କ ଏକମାତ୍ର ପୁତ୍ର ସରିତଙ୍କର ପିଲାଟିଦିନରୁ ବକ୍ତୃତା, ସାଧାରଣ ଜ୍ଞାନ ଉପରେ ଅସୀମିତ ଆଗ୍ରହ ରହିଛି। ଅତୀତରେ ବିଜ୍ଞାନ ମେଳା, ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସରିତ ଗତବର୍ଷ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ଶ୍ରୀରାମ ନବମୀ ଉପଲକ୍ଷେ ଝୁରିମାଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଓ ସୁନ୍ଦରଗଡ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ସରିତଙ୍କୁ ସମ୍ମାନିତ କରିଥିଲେ। ଅଞ୍ଚଳର ସ୍ୱନାମଧନ୍ୟ ସାହିତ୍ୟିକ ଶିକ୍ଷକ ସ୍ୱର୍ଗତଃ ଚୂଡାମଣି ଉପାଧ୍ୟାୟଙ୍କ କନିଷ୍ଠ ପୌତ୍ର ସରିତ ଉପାଧ୍ୟାୟଙ୍କ ଏହି ସଫଳତାରେ ଝୁରିମାଲ ଗ୍ରାମବାସୀ, ପରିବାର ଓ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧରେ ଆନନ୍ଦ ପ୍ରକାଶ ପାଇଛି। ଏହି ସଫଳତା ପାଇଁ ସରିତ ନିଜ ମା'ବାପା, ଶିକ୍ଷୟତ୍ରୀ ଶିକ୍ଷକ ତଥା ପରିବାରର ସମସ୍ତ ସଦସ୍ୟଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ମେଗା ଟେଲିଭିଜନ ଶୋ କୌନ ବନେଗା କରୋଡପତିରେ ଅଂଶଗ୍ରହଣ କରିବା ଲକ୍ଷ୍ୟ ରହିଛି ବୋଲି ସୂଚନା ଦେଇଛନ୍ତି ସରିତ। ସେହିପରି କଠିନ ପରିଶ୍ରମ, ନୂଆ କିଛି ଶିଖିବାର ଜିଜ୍ଞାସା ତଥା ଅଭିନବ ଚିନ୍ତାଧାରା ପାଇଁ ସରିତ ଏହି ସଫଳତା ହାସଲ କରିଛନ୍ତି ବୋଲି ରିଭର ଷ୍ଟୋନ ଇଣ୍ଟରନ୍ୟାଶନାଲ ସ୍କୁଲର ନିର୍ଦ୍ଦେଶକ ରୋଶନ ପଟେଲ ମତପ୍ରକାଶ କରିଛନ୍ତି ।



ସରିତ ଉପାଧ୍ୟାୟଙ୍କୁ ସମ୍ମାନିତ କରାଯାଉଛି।

## ଆକ୍ରମଣ ଘଟଣା: ଆଉ ୩ କୋର୍ଟଚାଲାଣ

ଲହୁଣୀପଡ଼ା,୪।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଭୁତୁଡା ପଞ୍ଚାୟତର ଖଣ୍ଡାଧାର ଖଣିଠାରେ ଠିକା ସଂସ୍ଥା କାଣ୍ଡୋଇ କମ୍ପାନୀର କ୍ୟାମ୍ପ ଭିତରେ ପଶି ସଂଘବଧ ଆକ୍ରମଣ ଘଟଣାରେ ପୋଲିସ ସୋମବାର ଆଉ ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁନୀଲ ଟପ୍ପୋ(୨୪), ଜୟ ସାମଦ (୨୬) ଓ ଅଜୟ ହରୋ (୨୦)। ଏହାପୂର୍ବରୁ ଉକ୍ତ ଘଟଣାରେ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବାରୁ ମୋଟ୍ ଗିରଫ ସଂଖ୍ୟା ୭ରେ ପହଞ୍ଚିଛି। ସୂଚନା ଅନୁସାରେ, ଗତ ମାର୍ଚ୍ଚ ୮ତାରିଖରେ କାଣ୍ଡୋଇ କମ୍ପାନୀର କର୍ମଚାରୀମାନେ ବିଶ୍ରାମ ନେଉଥିଲେ। ଏହି ସମୟରେ କେଏମ୍‌ପିଏଲ କମ୍ପାନୀର କେତେକ ଯୁବକ ଆସି କାଣ୍ଡୋଇ କମ୍ପାନୀର କର୍ମଚାରୀଙ୍କୁ କିଛି ଦ୍ରବ୍ୟ ମାଗିବାରୁ ସେମାନେ ମନା କରି ଦେଇଥିଲେ। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ କେଏମ୍‌ପିଏଲ କମ୍ପାନୀର କର୍ମଚାରୀମାନେ ଉତ୍ତେଜିତ ହୋଇ ଫେରିଯାଇଥିଲେ। କିଛି ସମୟରେ ପରେ ସେମାନେ ଠେଙ୍ଗା, ବାଡ଼ି, ହକି ଷ୍ଟିକ ଧରି ସେଠାକୁ ପୁଣି ଆସି ଆକ୍ରମଣ କରିଥିଲେ।

# ଆର୍‌ଏସ୍‌ପି ସ୍ଲାଗ୍ ନିଷ୍କାସନ ଶୁଭାରମ୍ଭ

ରାଉରକେଲା ଅଫିସ,୪।୪

ଆର୍‌ଏସ୍‌ପି ସାମଗ୍ରୀ ପୁନରୁଦ୍ଧାର ବିଭାଗ ଦ୍ୱାରା ବର୍ଜ୍ୟବସ୍ତୁ ସହ ବେସିକ ଅକ୍ସିଜେନ ଫର୍ଣ୍ଣେସ (ବିଓଏଫ୍) ସ୍ଲାଗ୍‌ର ପ୍ରଭାବଶାଳୀ ନିଷ୍କାସନ ଦ୍ୱାରା କମ୍ପାନୀ ପାଇଁ ବିପୁଳ ରାଜସ୍ୱ ସୃଷ୍ଟି କରିବାରେ ସହାୟକ ହୋଇଛି। ଏଥିସହ ଭବିଷ୍ୟତରେ ସ୍ଲାଗ ପକାଇବା ପାଇଁ ସ୍ଥାନ ମଧ୍ୟ ସୃଷ୍ଟି କରିପାରିଛି। ଏହାଦ୍ୱାରା ଆଗାମୀ ସମୟରେ ନିରବଚ୍ଛିନ୍ନ ଉତ୍ପାଦନ ସୁନିଶ୍ଚିତ କରିବାରେ ସହଜସାଧ୍ୟ ହେବ। ମାର୍କେଟିଙ୍ଗ ବିଭାଗ ସହ ମିଳିତ ଭାବେ ସଂଗୃହୀତ ଏଲଡି ଓ ବିଏଫ୍ ସ୍ଲାଗ୍ ନିଷ୍କାସନ ପାଇଁ ଏମ୍‌ଆର୍‌ଡି ପଦକ୍ଷେପ ଗ୍ରହଣ କରିଛି। ଫଳରେ ୨୦୨୧ ଓ ୨୦୨୨–୨୩ ଆର୍ଥିକ ବର୍ଷରେ ପୁରୁଣା ସ୍ଲାଗ୍ ଡମ୍ପରୁ ୧.୪ ଲକ୍ଷ କ୍ୟୁବିକ୍ ମିଟର ସ୍ଲାଗ୍ ନିଷ୍କାସନ କରିବାରେ ସାହାଯ୍ୟ କରିବା ସହ ୪୩.୫ କୋଟି ଟଙ୍କାର ରାଜସ୍ୱ ସୃଷ୍ଟି ହୋଇଛି। ଏହା ଇସ୍ପାତ ଶିଳ୍ପରେ ଉତ୍ପାଦନ ଶୃଙ୍ଖଳା ବଜାୟ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ଅଧିକ ସ୍ଥାନ ସୃଷ୍ଟି ଏବଂ ବିଓଏଫ୍ ସ୍ଲାଗ୍‌ର ପ୍ରଭାବଶାଳୀ ନିଷ୍କାସନ ପାଇଁ ଏକ ନୂତନ ପ୍ରୟାସରେ ପାଇପ୍ ପ୍ଲାଣ୍ଟ ନିକଟରେ ଥିବା ସ୍ଲାଗ ଡମ୍ପ ଅଞ୍ଚଳରୁ ବର୍ଜ୍ୟବସ୍ତୁ ସହ ୧ ଲକ୍ଷ ସିବିଏମ୍ ବିଓଏଫ୍ ସ୍ଲାଗ୍ ବିକ୍ରି ହୋଇ ପ୍ରାୟ ୭୬ କୋଟି ଟଙ୍କା ଆୟ ହୋଇପାରିଛି। ଏହି ସ୍ଲାଗ୍ ପ୍ରେରଣକୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର. ସୂର୍ଯ୍ୟବଂଶୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସ୍ଲାଗ ନିଷ୍କାସନ ଦ୍ୱାରା ୬ମାସ ଯାଏ ସ୍ଲାଗ ପକାଇବା ପାଇଁ ସ୍ଥାନ ସୃଷ୍ଟି ହୋଇପାରିବ। ପ୍ରାରମ୍ଭରେ ଏମ୍‌ଆରଡି ବିଭାଗର ଜିଏମ୍ ସି. ମହାପାତ୍ର ଇସ୍ପାତ ଶିଳ୍ପରେ ଉତ୍ପାଦନ ଶୃଙ୍ଖଳ ବଜାୟ ରଖିବା ପାଇଁ ସ୍ଲାଗ ନିଷ୍କାସନ ଉପରେ ଆଲୋକପାତ କରିଥିଲେ।




ଏସ୍.ଆର. ସୂର୍ଯ୍ୟବଂଶୀ ସବୁଜ ପତାକା ଦେଖାଇ ସ୍ଲାଗ୍ ନିଷ୍କାସନର ଶୁଭାରମ୍ଭ କରୁଛନ୍ତି।

# ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସମ୍ପନ୍ନ

ଲହୁଣୀପଡ଼ା, ୪।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର ଲହୁଣୀପଡ଼ା ଗାୟତ୍ରୀ ପରିବାର ପକ୍ଷରୁ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଏକ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି କୁଞ୍ଜର ମୁଖ୍ୟ ପୁରୋଧା ବିଶ୍ୱାମିତ୍ର ଶାସ୍ତ୍ରୀ, ରବିନ୍ଦ୍ର ଓ ସୁରେନ୍ଦ୍ର ଭାଇଙ୍କ ସହଯୋଗରେ ଯଜ୍ଞ ସଞ୍ଚାଳନ ହୋଇଥିଲା। ଏହି ଯଜ୍ଞରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଆହୂତି ପ୍ରଦାନ କରିଥିଲେ। ଏହାସହ ଦୀକ୍ଷା ଗ୍ରହଣ, ନାମକରଣ, ବିଦ୍ୟାରମ୍ଭ ଓ ଅନ୍ନପ୍ରାସନ୍ନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ତୋଷ ବର୍ମା ଓ ରୀତା ବର୍ମା, ନନ୍ଦଲାଲ ଜୟସ୍ୱାଲ ଓ ସୀତା ଜୟସ୍ୱାଲ, ଗୟାଧର ଜୟସ୍ୱାଲ ଓ ଦୁର୍ଗା ଜୟସ୍ୱାଲ, ରାମକ୍ରିପାଲ ସା ଓ ରେଖା ସା ଏବଂ ମୋତି ଜୟସ୍ୱାଲ ଓ ସୁନିତା ଜୟସ୍ୱାଲ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଦେବକାନ୍ତ ଜୟସ୍ୱାଲ, ସନ୍ତୋଷ ସା, ଲକ୍ଷ୍ମଣ ବର୍ମା, ଲାଲା ଗୁପ୍ତା, ଜାନକୀ ଜୟସ୍ୱାଲ, ରାଜକିଶୋର ଜୟସ୍ୱାଲ, ଗୌରୀ ଶଙ୍କର ତିୱାରୀ, ସମ୍ପାରୀ ସା, ଗିରିଜା ଜୟସ୍ୱାଲଙ୍କ ସମେତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦୀକ୍ଷିତ ଓ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ୧୦୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାସହିତ ଭଜନକୀର୍ତ୍ତନ, ପ୍ରବଚନ ହୋଇଥିଲା।



ଗାୟତ୍ରୀ ଯଜ୍ଞରେ ପୂଜାର୍ଚ୍ଚନା କରାଯାଉଛି।

# ଲେଲେପଡ଼ାରେ ହକି, ଫୁଟ୍‌ବଲ ଟୁର୍ନାମେଣ୍ଟ

ବଡ଼ଗାଁ, ୪।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଲେଲେପଡା ଗ୍ରାମରେ ଇତମା ଗ୍ରାମର ନାରାୟଣ ଯୁବକ ସଂଘ ପକ୍ଷରୁ ନେହେରୁ ଯୁବକ ସଂଘ ସହାୟତାରେ ମଙ୍ଗଳବାର ଏକଦିବସୀୟ ହକି ଓ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ହକି ଟୁର୍ନାମେଣ୍ଟରେ ଅଞ୍ଚଳର ୮ଟି ହକି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବାଙ୍କିବାହାଲ ଓ ମହିପାନୀ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୪–୩ ଗୋଲରେ ମହିପାନୀକୁ ହରାଇ ବାଙ୍କିବାହାଲ ଚାମ୍ପିୟନ ହୋଇଛି। ଫୁଟବଲ ଟୁର୍ନାମେଣ୍ଟରେ ମୋଟ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଲେଲେପଡା ଓ ତୁଡାଲଗା ମଧ୍ୟରେ ହୋଇଥିଲା। ତୁଡାଲଗା ଲେଲେପଡାକୁ ୩–୧ ଗୋଲ୍‌ରେ ହରାଇ ଚାମ୍ପିୟନ ହୋଇଛି। ରମେଶ ଚନ୍ଦ୍ର ମାଝୀ, ଦିବ୍ୟଭୂଷଣ କିଷାନ ଓ କୃଷ୍ଣ ପ୍ରଧାନ ଫୁଟବଲ ଟୁର୍ନାମେଣ୍ଟ ଏବଂ ନେଲସନ ସଏ ହକି ଟୁର୍ନାମେଣ୍ଟର ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟିର କୁନାଲ କର୍ସେଲ, ମାନସ ରାଉତ, ଘୃତ କୁମାର ସାହୁ, ହୃଷୀକେଶ ପ୍ରଧାନ, ଗୋପାଳ ଖର୍ସେଲ, ପ୍ରମୋଦ ମୁଣ୍ଡୁ, ଧରଣୀ ଲାକ୍ରା, ମାନୁଆଲ ମୁଣ୍ଡୁ ପ୍ରମୁଖ ସହଯୋଗ କରିଥିଲେ।

# ବଜାରରେ କେମିକାଲଯୁକ୍ତ ଆମ୍ବ ପସରା



ବିଶ୍ରା ଛକରେ ଆମ୍ବ ପସରା ।

ରାଉରକେଲା ଅଫିସ,୪।୪

ବର୍ତ୍ତମାନ ଓଡ଼ିଶାରେ ଆମ୍ବ କଞ୍ଚାଳିଆ ଅବସ୍ଥାରେ ରହିଛି। ଆମ୍ବ ସମ୍ପୂର୍ଣ୍ଣ ପାକଳ ହୋଇନାହିଁ। ମାତ୍ର ରାଉରକେଲା ସହରରେ ବିଭିନ୍ନ ପ୍ରକାରର ଫଳ ସହ ପାଚିଲା ଆମ୍ବ ବିକ୍ରି ହେଲାଣି। ଏବେ ରାଉରକେଲା ବଜାରରେ ମିଳୁଥିବା ସିନ୍ଦୁରୀ, ଲଗଡା ଓ ମାଏଦା ଆଦି ଆମ୍ବକୁ ଲୋକେ ମଧ କିଣୁଥିବା ଦେଖିବାକୁ ମିଳୁଛି। ଆମ୍ବ କିଲୋ ପ୍ରତି ୧୦୦ରୁ ୧୫୦ ଟଙ୍କାରେ ବିକ୍ରି ହେଉଛି। ବ୍ୟବସାୟୀମାନେ ବାହାର ରାଜ୍ୟରୁ ଏହି ଆମ୍ବ ଏଠାକୁ ଆଣୁଛନ୍ତି। ସେହି ଆମ୍ବକୁ କାର୍ବାଇଡ୍ ଦେବା ପରେ ତାହା ସଅଳ ପାଚି ଯାଉଛି। ଏହାପରେ ତାକୁ ଚଢା ଦରରରେ ବଜାରରେ ବିକ୍ରି କରାଯାଉଥିବା ଜଣାପଡିଛି। ତେବେ ଏହାଦ୍ୱାରା ଯେଭଳି ଲୋକମାନଙ୍କରି ସ୍ୱାସ୍ଥ୍ୟହାନି ନ ହୁଏ ସେ ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ଏ ନେଇ ରାଉରକେଲା ଫୁଡ ଇନ୍ସପେକ୍ଟର ସ୍ୱାଗତିକା ବେହେରାଙ୍କୁ ପଚାରିବାରୁ ଏଯାଏ ଆମ୍ବ ଜନିତ କୌଣସି ଅଭିଯୋଗ ହସ୍ତଗତ ହୋଇନି। ମାତ୍ର ଆଗକୁ ଏ ଦିଗରେ ଯାଞ୍ଚ ପ୍ରକ୍ରିୟା ହେବ ବୋଲି ସେ କହିଥିଲେ।

# ଶ୍ରଦ୍ଧା ମିଳିଲେ ଭିନ୍ନକ୍ଷମ ପିଲାଙ୍କ ବୌଦ୍ଧିକ ବିକାଶ ହେବ

ରାଉରକେଲା ଅଫିସ,୪।୪

ବିଶ୍ୱ ସ୍ୱପରାୟଣ ଦିବସ ଅବସରରେ ରାଉରକେଲା ସ୍ଥିତ ଶ୍ରଦ୍ଧା ସଂସ୍ଥା ପକ୍ଷରୁ ମଙ୍ଗଳବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପାନପୋଷ ଅତିରିକ୍ତ ଜିଲାପାଳ ସରୋଜିନୀ ପ୍ରସନ୍ନ କୁଲୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭିନ୍ନକ୍ଷମ ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ ମୁଖ୍ୟ ଅତିଥି ମାର୍ଗଦର୍ଶନ ଦେଇଥିଲେ। ଭିନ୍ନକ୍ଷମମାନଙ୍କ ଉନ୍ନତିରେ ଲାଭଦାୟୀ ସରକାରୀ ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନ, ଅଭିଭାବକ ଓ ସାମାଜିକ ସଙ୍ଗଠନ ଆଗକୁ ଆସିବା ଆବଶ୍ୟକ ବୋଲି ସେ ଦର୍ଶାଇଥିଲେ। ମୁଖ୍ୟବକ୍ତା ଭାବେ ମନୋବୈଜ୍ଞାନିକ ବବିତା ମହାପାତ୍ର ଯୋଗଦେଇ ସ୍ୱପରାୟଣ ପିଲାଙ୍କ ବ୍ୟବହାରରେ ବିରକ୍ତି ନ ହୋଇ ଶ୍ରଦ୍ଧେୟ ହେଲେ ଭିନ୍ନକ୍ଷମ ପିଲାଙ୍କ ବୌଦ୍ଧିକ ବିକାଶ ହୋଇପାରିବ ବୋଲି କହିଥିଲେ। ରାଉରକେଲା ଅଭିଭାବକ ସଂଘ ଉପସଭାପତି ଗଗନ ବିହାରୀ ଧଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସ୍ୱପରାୟଣ ପିଲାଙ୍କର କୌଣସି ଦୁର୍ବଳତା ଏବଂ ଅକ୍ଷମତା ନେଇ ଚିନ୍ତା କରିବା ଆବଶ୍ୟକ ନୁହେଁ। ଏ ଦିଗରେ ତାଲିମପ୍ରାପ୍ତ ପ୍ରଶିକ୍ଷକ, ମନୋବୈଜ୍ଞାନିକ, ଫିଜିଓଥେରାପିଷ୍ଟଙ୍କ ପରାମର୍ଶ ନେବା ଆବଶ୍ୟକ ବୋଲି ସେ କହିଥିଲେ। ଉମଙ୍ଗ ଭାରତର ଅଧକ୍ଷ ମହମ୍ମଦ ଜାହିର ସ୍ୱପରାୟଣ ପିଲାମାନଙ୍କୁ ବ୍ୟସ୍ତ ରଖିବା ପାଇଁ ହେଲେ ଖେଳକୁଦ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆବଶ୍ୟକ ବୋଲି ମତ ଦେଇଥିଲେ। ପରେ ଶ୍ରଦ୍ଧା ଅନୁଷ୍ଠାନର ସଭାପତି ପଶୁନାଥ ବାନାର୍ଜୀ ଭିନ୍ନକ୍ଷମ ପିଲାଙ୍କ ଅଭିଭାବକମାନଙ୍କୁ ପିଲାଙ୍କ ଯତ୍ନ ବିଷୟରେ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିବିରରେ ୨୫ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ପିଲା ସେମାନଙ୍କ ଅଭିଭାବକଙ୍କ ସହ ଉପସ୍ଥିତ ଥିଲେ।




ଶିବିରରେ ମନୋବୈଜ୍ଞାନିକ ବବିତା ମହାପାତ୍ର ବକ୍ତବ୍ୟ ଦେଉଛନ୍ତି।

